# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୦ ମାର୍ଚ୍ଚ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ପିଇବା ପାଣି ସମସ୍ୟାର ସମାଧାନ

***211 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ବ୍ଲକ ଅନ୍ତର୍ଗତ ସୁରଳ ସାମାଣ୍ଡି ଓ ସନାପୁର ଅଞ୍ଚଳରେ ଜନସାଧାରଣ ପିଇବା ପାଣିର ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଉକ୍ତ ଅଞ୍ଚଳର ପିଇବା ପାଣିର ସମସ୍ୟାର ସମାଧାନ ପାଇଁ ଏଠାରେ ଥିବା ସମୁଦ୍ର ଜଳକୁ ଫିଲଟର କରି ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବାକୁ ବହୁତ ଦିନ ଧରି ଦାବି ହୋଇଆସୁଛି, ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ବ୍ୟବସ୍ଥା କରିବେ କି ?

----

### ଉଠା ଦୋକାନୀକୁ ଥଇଥାନ

***212 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ବଡ଼ଦାଣ୍ଡରୁ ୧୨୦୮ ଉଠାଦୋକାନୀଙ୍କୁ ଶ୍ରୀ ସେତୁ ନିକଟରେ ଥଇଥାନ କରିବା ଉଦ୍ଦେଶ୍ୟରେ ବିଭାଗ ଦ୍ୱାରା ଯେଉଁ ଯୋଜନା ପ୍ରସ୍ତୁତ କରାଯାଇଥିଲା ତାର ଆଜିକା ଦିନର ସ୍ଥିତି କଣ ଏବଂ ୧୨୦୮ ଉଠାଦୋକାନୀ ମଧ୍ୟରୁ ଶ୍ରୀ ସେତୁ ନିକଟରେ ସମୁଦାୟ କେତେ ଉଠାଦୋକାନୀ ଥଇଥାନ ହୋଇ ତାଙ୍କ ଦୋକାନ ପ୍ରଚଳନ କରିଲେଣି ଓ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ତାଙ୍କ ପରିବାର ପ୍ରତିପୋଷଣ ନିମନ୍ତେ ଭୂ -ଅର୍ଜନ ଅଫିସ ଦ୍ୱାରା ଆଉ କେତେ ମାସର ଆର୍ଥିକ ସହାୟତା ବାକିଆ ପଡ଼ିଅଛି ଏବଂ ଏହା କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଦିଅଁଝର ଓ ଡାବରଖୋଲ ପ୍ରକଳ୍ପର ସୌନ୍ଦର୍ଯ୍ୟ କରଣ

***213 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନରସିଂହପୁରର ପ୍ରସିଦ୍ଧ ଦିଅଁଝର ଓ ଡାବରଖୋଲ ପ୍ରକଳ୍ପର ସୌନ୍ଦର୍ଯ୍ୟ କରଣ ଓ ରକ୍ଷଣା ବେକ୍ଷଣ ପାଇଁ ଗତ ତିନି ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ କେତେ ଅର୍ଥ ବ୍ୟୟ କରାଯାଇଛି, ଏହି ପ୍ରକଳ୍ପ ଗୁଡ଼ିକର ବିକାଶ ପାଇଁ ଅନୁଦାନ ପର୍ଯ୍ୟାପ୍ତ ହେଉନଥିବା ନେଇ ସରକାର ଅବଗତ କି, ଯଦି ହଁ, ଏହାର ସମାଧାନ ପାଇଁ ଅତିରିକ୍ତ ପାଣ୍ଠି ଯୋଗାଇ ଦେବାକୁ ସରକାରଙ୍କ ଯୋଜନା କ'ଣ ? ଚମ୍ପେଶ୍ୱର ଠାରେ ଚମ୍ପାନାଥ ଅଞ୍ଚଳରେ ଥିବା ବିରଳ କଇଁଚ ମାନଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ସଂରକ୍ଷଣ ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି?

----

## ନୂତନ ବ୍ରିଜ ନିର୍ମାଣ ପାଇଁ ଯୋଜନା

***214 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନ ମଣ୍ଡଳୀରେ ଆରଡ଼ି (RD) ଡ଼ିଭିଜନର ନୂତନ ବ୍ରିଜ ନିର୍ମାଣ କରିବା ପାଇଁ କେତୋଟି ଯୋଜନା ହୋଇଅଛି ?

----

## ସରକାରୀ ଉଦ୍ୟୋଗଗୁଡ଼ିକୁ ସକ୍ରିୟ କରିବା

***215 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ସରକାରୀ ଉଦ୍ୟୋଗ/ସାର୍ବଜନିକ ଉଦ୍ୟୋଗଗୁଡ଼ିକର ମୋଟ ସଂଖ୍ୟା କେତେ ଏବଂ ସେମାନଙ୍କର ବିଭାଗଭିତ୍ତିକ ସବିଶେଷ ବିବରଣୀ କଣ ; ସରକାରୀ ଉଦ୍ୟୋଗଗୁଡ଼ିକର ବର୍ତ୍ତମାନ ଆର୍ଥିକ ଓ ପ୍ରଶାସନିକ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; କିଛି ଉଦ୍ୟୋଗର କାର୍ଯ୍ୟକ୍ଷମତା ବୃଦ୍ଧି, ଆଧୁନିକୀକରଣ ଓ ପୁନରୁଜ୍ଜୀବନ ପାଇଁ ସରକାର କେମିତି ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ; ଆଗାମୀ ଦିନରେ ସରକାରୀ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ରିୟ, ଲାଭକାରୀ ଓ ନିଯୁକ୍ତିମୂଳକ କରିବା ପାଇଁ ସରକାରଙ୍କ ରୋଡମ୍ୟାପ୍ କଣ ରହିଛି?

----

## ଝାରସୁଗୁଡା ଜିଲ୍ଲାରେ ESI Hospital ନିର୍ମାଣ

***216 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ଇଏସଆଇ ଡାକ୍ତରଖାନା ନିର୍ମାଣ ପାଇଁ କେବେ ସ୍ଥିର ହୋଇଥିଲା ଏବଂ ବର୍ତ୍ତମାନର ଏହି ଡାକ୍ତରଖାନା ନିର୍ମାଣର ଅଗ୍ରଗତି କଣ ରହିଛି ; ଏହି ଡାକ୍ତରଖାନା କେବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଚିକିତ୍ସା ସେବା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି?

----

## ନୂତନ ନଳକୂପ ଖୋଲାଯିବା ପାଇଁ ପ୍ରସ୍ତାବ

***217 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ବିଧାନସଭା ମଣ୍ଡଳୀ ମଧ୍ୟରେ କେତେଗୋଟି ନଳକୂପ ଅଛି, ସେଥିମଧ୍ୟରୁ କେତେ ଅଚଳ ଅବସ୍ଥାରେ ଅଛି ଏବଂ କେତୋଟି ଚାଲୁ ଅବସ୍ଥାରେ ଅଛି, ତାହାର ବିବରଣୀ ଦେବା ସହ ଅଚଳ ନଳକୂପଗୁଡିକ କେତେ ଦିନ ମଧ୍ୟରେ ମରାମତି କରାଯିବ, ଚଳିତ ବର୍ଷ କେତେଗୋଟି ନୂତନ ନଳକୂପ ଖୋଲାଯିବ ?

----

## ପୌରସଂସ୍ଥା ପକ୍ଷରୁ ସେବା ଯୋଗାଇବା

***218 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ସହରାଞ୍ଚଳ ରେ ପୌର ସଂସ୍ଥା ପକ୍ଷରୁ କେଉଁ ଭଳି ଟ୍ୟାକ୍ସ ଆଦାୟ କରାଯାଉଛି, ଟ୍ୟାକ୍ସ ବାବଦକୁ ବାର୍ଷିକ କେତେ ରାଜସ୍ୱ ଆଦାୟ କରାଯାଉଛି, ଏହାର ପୌର ସଂସ୍ଥା ୱରୀ ତଥ୍ୟ ପ୍ରଦାନ କରିବେ କି, ବିଭିନ୍ନ ପୌର ସଂସ୍ଥା ପକ୍ଷରୁ ଲୋକଙ୍କୁ କି କି ସେବା ଯୋଗାଇ ଦିଆଯାଉଛି ?

----

## ଜଙ୍ଗଲ ନିଆଁ ରୋକିବାକୁ ପଦକ୍ଷେପ

***219 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟରେ କେଉଁ ବନଖଣ୍ଡ ଅଧୀନରେ ନିଆଁ ଲାଗି କେତେ ପରିମାଣ ଜଙ୍ଗଲ ନଷ୍ଟ ହୋଇଥିଲା, କେତେ ବନ୍ୟପ୍ରାଣୀ ମୃତାହତ ହୋଇଛନ୍ତି, ଚଳିତ ଗ୍ରୀଷ୍ମଋତୁକୁ ଲକ୍ଷ୍ୟ କରି ଜଙ୍ଗଲ ନିଆଁ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ୩ ବର୍ଷରୁ ଅଧିକ ଦିନ କାର୍ଯ୍ୟରତ ଅଧିକାରୀଙ୍କୁ ଅନ୍ୟତ୍ର ବଦଳୀ

***220 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ Block/ Division/District ଦାୟିତ୍ୱ ରେ ଥିବା ବିଭାଗୀୟ ଅଧିକାରୀ ଯଥା JE, AEE, SDO & SE ଙ୍କ ଗୋଟିଏ ଅଞ୍ଚଳରେ ଚାକିରୀ କରିବା ସମୟସୀମା କେତେ ଦିନ, କେଉଁ ନିୟମ ଆଧାରରେ ଗୋଟିଏ ଅଞ୍ଚଳରେ ଜଣେ ଜଣେ ଅଧିକାରୀ ୫ ବର୍ଷରୁ ଉର୍ଦ୍ଧ ସମୟ ଧରି ରହି ଚାକିରୀ କରୁଛନ୍ତି, ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ଦିନ ଧରି ରହି ଚାକିରୀ କରୁଥିବା ଅଧିକାରୀଙ୍କ ପାଇଁ ବଦଳି ନୀତି ଆଣିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## ନୂତନ ସରକାରୀ ଉଦ୍ୟୋଗ କରିବା ପାଇଁ ଯୋଜନା

***221 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେତେଗୋଟି ସରକାରୀ ଉଦ୍ୟୋଗ ରହିଛି, ସେଗୁଡିକ କେତେ କ୍ଷତିରେ ନା ଲାଭରେ ଚାଲୁଛି ତାହାର ସବିଶେଷ ତଥ୍ୟ 2023-24 ମସିହାଠାରୁ ବର୍ଷ ୱାରୀ ପ୍ରଦାନ କରିବେ କି; କେଉଁ କେଉଁ ଜିଲ୍ଲାରେ ନୂତନ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ଯୋଜନା ଅଛି କି ?

----

## ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ

***222 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱରରେ ଥିବା ବିର୍ଲା ଟାୟାର୍ସ କାରଖାନା ଡ଼ାଲମିଆ ରିଫ୍ରାନଟୋରିଜ ଲିମିଟେଡ଼ ଓ ଭାରତୀ କେମିକାଲ ସ୍ପେସିଆଲିଟିଜକୁ ହସ୍ତାନ୍ତର ହେବା ବେଳେ କେତେ ଶ୍ରମିକ / କର୍ମଚାରୀ କାର୍ଯ୍ୟରତ ଥିଲେ; ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଛଟେଇ କରାଗଲା ; ଛଟେଇ ହୋଇଥିବା ସମସ୍ତ କର୍ମଚାରୀଙ୍କୁ ଆଇନ ଅନୁଯାୟୀ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଛି କି; ନୂତନ କମ୍ପାନୀର ନିଷ୍ପତ୍ତି ବିରୋଧରେ NCLT ଦେଇଥିବା ନିର୍ଦ୍ଦେଶକୁ ଶ୍ରମ ବିଭାଗ ଅନୁପାଳନ କରି ଶ୍ରମିକଙ୍କ ଉଚିତ ପ୍ରାପ୍ୟ ଫେରାଇବା ଲାଗି କଣ ପଦକ୍ଷେପ ନେଇଛି ?

----

## ପ୍ରତ୍ୟେକ ବାସଗୃହକୁ ପାନୀୟ ଜଳ ଯୋଗାଇବା

***223 ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତାଳଚେରରେ ନିର୍ମାଣ କରାଯାଇଥିବା Mega Drinking Water Supply system ଦ୍ୱାରା ସମଗ୍ର ତାଳଚେରବାସୀ ପାନୀୟ ଜଳ ପାଉନଥିବା ବିଷୟରେ ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ, ତେବେ ତାଳଚେର ଅଞ୍ଚଳରେ ପ୍ରତ୍ୟେକ ବାସଗୃହକୁ କେବେ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ?

----

## ବ୍ୟବସାୟ ପ୍ରକ୍ରିୟାର Parking ବ୍ୟବସ୍ଥା

***224 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର କେଉଁ ପ୍ରମୁଖ ରାସ୍ତାରେ ପାର୍କିଂ ପାଇଁ ସରକାର ନିଷେଧାଜ୍ଞା ଜାରି କରିଛନ୍ତି ସେହି ପ୍ରମୁଖ ରାସ୍ତା ପାଖରେ / ନିକଟରେ କେଉଁ ନାମରେ କି ପ୍ରକାର ବ୍ୟବସାୟ ଅଟ୍ଟାଳିକା/ସୌଧ ଅଛି, ସେହି ଦୋକାନ ମାଲିକମାନେ ଗାଡି ପାର୍କିଂ ପାଇଁ ଦୋକାନଓ୍ୱାରୀ କେତେ ପରିମାଣର ଜାଗା ଛାଡିଛନ୍ତି ?

----

## ବାୟୁ ପ୍ରଦୂଷଣ ସହିତ ବାୟୁ ମଣ୍ଡଳରେ ୧୫୦ ରୁ ୨୦୦ ମଧ୍ୟରେ ଏକ୍ୟୁଆଇ ପରିମାଣ

***225 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲା, କେଉଁ ଅଞ୍ଚଳ, ସହର ମାନଙ୍କରେ ବାୟୁ ପ୍ରଦୂଷଣ ହେବା ସହିତ ବାୟୁ ମଣ୍ଡଳରେ ୧୫୦ ରୁ ୨୦୦ ମଧ୍ୟରେ ଏ.କ୍ୟୁ.ଆଇ ପରିମାଣ ବୃଦ୍ଧି ହେଉଥିବା ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ଏ.କ୍ୟୁ.ଆଇ ପରିଣାମକୁ ତୀକ୍ଷଣ ନଜର ପୂର୍ବକ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ?

----

## ସଂଯୋଗ କରୁଥିବା ରାସ୍ତା ଗୁଡିକର ଉନ୍ନତିକରଣ

***226 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ରାସ୍ତାଗୁଡିକୁ ଯେଉଁ ଛୋଟ ଛୋଟ ରାସ୍ତାଗୁଡିକ ସଂଯୋଗ କରୁଛି ସେହି ରାସ୍ତା ଗୁଡିକର ଉନ୍ନତି କରଣ କରିବାପାଇଁ ପ୍ରସ୍ତାବ ରହିଛି କି, ଯଦି ପ୍ରସ୍ତାବ ଥାଏ ଗ୍ରାମାଞ୍ଚଳର ଲୋକମାନଙ୍କର ଯାତାୟତ ସୁବିଧା ପାଇଁ ଏହାକୁ କେବେ ସୁଦ୍ଧା କାର୍ଯ୍ୟକାରୀ କରିବେ ?

----

## ସରକାରୀ ଉଦ୍ୟୋଗରେ ଖାଲିଥିବା ପଦବୀ ସଂଖ୍ୟା

***227 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ସରକାରୀ ଉଦ୍ୟୋଗ ରହିଛି ଓ ସେଥିରେ ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା କେତେ ଏବଂ ବର୍ତ୍ତମାନ ସୁଦ୍ଧା ସେଥି ମଧ୍ୟରୁ କେତୋଟି ପଦବୀ ଖାଲିପଡିଛି ; ରାଜ୍ୟରେ ନିଯୁକ୍ତି ପାଇଁ ଆବେଦନର ବୟସ ସୀମାକୁ ବଢାଇ ରାଜ୍ୟ ସରକାର 42 ବର୍ଷ କରିଥିବା ବେଳେ ଏହାକୁ ସରକାରୀ ଉଦ୍ୟୋଗ ବା ପିଏସୟୁ ମାନୁନାହାନ୍ତି ବୋଲି ହେଉଥିବା ଅଭିଯୋଗ ସତ୍ୟ ଅଟେ କି ; ଯଦି ଉତ୍ତରଟି ହଁ ହୋଇଥାଏ, ତାହେଲେ ଏ ବାବଦରେ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଦାଦନ ରୋକିବାକୁ ପଦକ୍ଷେପ

***228 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲା ମାନଙ୍କରୁ କେତେ ଜଣ ଶ୍ରମିକ ଗତ ୨୦୨୪-୨୫ ଆର୍ଥିକ ବର୍ଷ ଓ ଚଳିତ ମସିହାରେ ଦାଦନ ଖଟିବାକୁ ଯାଇଛନ୍ତି, ଏହି ଯାବତ କେତେ ଜଣ ବାହାର ରାଜ୍ୟରେ ନିର୍ଯ୍ୟାତିତ ହୋଇଛନ୍ତି ଏବଂ କେତେ ଜଣ ମୃତ୍ୟୁ ବରଣ କରିଛନ୍ତି, ଦାଦନ ଖଟିବାକୁ ନଯିବାପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ?

----

## କାର୍ଯ୍ୟକ୍ଷମ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା

***229 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲିରେ ଚାଲିଥିବା Mega Water Supply କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ ଓ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ; ଧାମରା ଏବଂ ଚାନ୍ଦବାଲି ଅଞ୍ଚଳରେ ଲୋକମାନଙ୍କୁ କେବେ ସୁଦ୍ଧା ଏହି ସୁବିଧା ମିଳିବ?

----

## Present status of JICA-funds

***230 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the present status of JICA-funded sanitation and drainage works in Cuttack, showing completed and pending works ward-wise; (b) the reasons for delay in the pending works & the funds required for completion and whether the same have been sanctioned or are under consideration and the timeline fixed for completion of the pending works and the overall project ?

----

## ପର୍ଯ୍ୟଟକମାନଙ୍କୁ ଜଙ୍ଗଲ ପରିଭ୍ରମଣ ସଂଯୋଗ

***231 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚନ୍ଦକା ଅଭୟାରଣ୍ୟର ଚନ୍ଦକା ନିକଟରେ Eco-Tourism ବ୍ୟବସ୍ଥା ପ୍ରଚଳନ ହୋଇଥିବାବେଳେ ଡମପଡା ନିକଟରେ ପର୍ଯ୍ୟଟକମାନଙ୍କୁ ଜଙ୍ଗଲ ପରିଭ୍ରମଣର ସୁଯୋଗ ପ୍ରଦାନ ନିମନ୍ତେ ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## IWAI ର Clearance ମିଳିବା ପରେ ବ୍ରିଜ କାର୍ଯ୍ୟ ନ ହେବା

***232 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ବର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନଗ୍ରର ଅରାଡଠାରେ IWAIର clearance ମିଳିବା ପରେ ମଧ୍ୟ ବ୍ରିଜ କାର୍ଯ୍ୟ ଆରମ୍ଭ ନହେବାର କାରଣ କଣ ; ସମ୍ପୃକ୍ତ ଠିକା ସଂସ୍ଥା ଦ୍ୱାରା ହିଁ Modification ସମେତ ବକେୟା କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଭାଗ ତରଫରୁ agency କୁ ନିର୍ଦ୍ଦେଶ ପ୍ରଦାନ କରିବେ କି ; ଅଲଗା agency ପୁନଃ ନିଯୁକ୍ତି କଲେ କାର୍ଯ୍ୟରେ ବହୁ ବିଳମ୍ବ ହେବ ତେଣୁ ଏଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରି କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଏବଂ କେବେ ସୁଦ୍ଧା ସମ୍ପର୍ଣ୍ଣ ହେବ ?

----

## ଶ୍ରମିକ କାର୍ଡ ପ୍ରଦାନ

*233 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀରେ କେତେ ଜଣ ଶ୍ରମିକ ତାଲିକା ଭୁକ୍ତ ହୋଇଛନ୍ତି ଏବଂ କେତେ ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇ ସେମାନଙ୍କୁ କାମ ଧନ୍ଦା ଯୋଗାଇ ଦିଆଯାଇ ଅଛି, ସେମାନଙ୍କର ନାମ ସହିତ କେଉଁ କେଉଁ ସଂସ୍ଥାରେ ଆମ୍ ନିଯୁକ୍ତି ପ୍ରଦାନ କରାଯାଇ ଅଛି ତାହାର ବ୍ଲକୱାରି ତାଲିକା ପ୍ରଦାନ କରିବେ କି ?

----

## ପାନୀୟ ଜଳ ଯୋଗାଣ

*234 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ Mega Pipe Water Supply Scheme ଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ; କେଉଁ Schemeରେ କେତେ ଗ୍ରାମ/ ପଡ଼ାକୁ ପାନୀୟ ଜଳ ଯୋଗାଣର ପ୍ରସ୍ତାବ ଅଛି ; ଏ Scheme ଗୁଡିକର ବର୍ତ୍ତମାନ Progress କେତେ, କେଉଁ Scheme କେବେ ଶେଷ ହୋଇ କେଉଁ କେଉଁ Block/Municipality ର କେତେ କେତେ ଗ୍ରାମକୁ ପାନୀୟ ଜଳ ଯୋଗାଣ କରିଛି ବା କରିବ, ଏ Scheme ରେ କେତେ କେତେ ବ୍ୟୟ ବରାଦ କରାଯାଇଛି, ଶତକଡା କେତେ କାମ ଶେଷ ହୋଇ କେତେ Bill payment ହୋଇଛି?

----

## ରାଜଧାନୀକୁ ଜଳପ୍ଲାବନମୁକ୍ତ କରିବାକୁ ପଦକ୍ଷେପ

*235 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ସହର ଓ ଭୁବନେଶ୍ୱର ବାହାରେ କେଉଁ କେଉଁ ପ୍ରାକୃତିକ ନାଳ ପ୍ରବାହିତ ହେଉଛି ; ଏହି ନାଳମାନଙ୍କରେ ଭୁବନେଶ୍ୱରର ଆବର୍ଜନା ଜଳ ନିର୍ଗତ ହେଉଥିବା ଓ ଅଧିକାଂଶ ପ୍ରାକୃତିକ ନାଳକୁ ପୋତି ନିର୍ମାଣ କାର୍ଯ୍ୟ ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର ହଁ ହେଲେ ଏହି ପ୍ରାକୃତିକ ନାଳକୁ ପ୍ରଦୂଷଣମୁକ୍ତ କରିବା ସହ ଜବରଦଖଲମୁକ୍ତ କରି ଆସନ୍ତା ବର୍ଷା ଋତୁରେ ରାଜଧାନୀକୁ ଜଳ ପ୍ଲାବନମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ହାତୀ ଦ୍ୱାରା ଫସଲ ନଷ୍ଟ

***236 ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହାତୀମାନଙ୍କ ଉପଦ୍ରବ ଯୋଗୁଁ କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଫସଲ ନଷ୍ଟ ହେବା ସହିତ ଧନ ଜୀବନ ହାନି ହୋଇଥାଏ, ତେଣୁ ଚଳିତ ବର୍ଷରେ ସରକାରଙ୍କ ପକ୍ଷରୁ କ୍ଷତି ପୁରଣ ନିମନ୍ତେ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବ୍ଲକରେ ଖାଲିଥିବା JE ପଦବୀ

***237 ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ବ୍ଲକରେ ବର୍ତ୍ତମାନ କେତେ ସଂଖ୍ୟକ କନିଷ୍ଠ ଯନ୍ତ୍ରୀ (JE) ପଦବୀ ମଞ୍ଜୁରୀପ୍ରାପ୍ତ ଅଛି ଏବଂ ସେଥିମଧ୍ୟରୁ କେତେ ପଦବୀ ଖାଲି ପଡ଼ିଛି, ବ୍ଲକ୍-ୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ଖାଲି ପଡ଼ିଥିବା କନିଷ୍ଠ ଯନ୍ତ୍ରୀ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହି ନିଯୁକ୍ତି ପ୍ରକ୍ରିୟା କେବେ ସୁଦ୍ଧା ସମାପ୍ତ ହେବାର ସମ୍ଭାବନା ଅଛି, ଏବଂ ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ ବ୍ଲକରେ କନିଷ୍ଠ ଯନ୍ତ୍ରୀଙ୍କ ଅଭାବ ଯୋଗୁଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ହଁ, ତେବେ ସେଠାରେ ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ କି ?

----

## କାର୍ଯ୍ୟରତ କୁଶଳୀ/ଅଣକୁଶଳୀ ଶ୍ରମିକ

***238 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଓ କୋରାପୁଟ ଜିଲ୍ଲାରୁ ପୋଡ଼ଶୀ ରାଜ୍ୟକୁ ରୋଜଗାର ଅନ୍ୱେଷଣରେ କେତେ ଶ୍ରମିକ ଯାଇଛନ୍ତି, ସେପରି ଆମ ରାଜ୍ୟକୁ ଅନ୍ୟ ରାଜ୍ୟର କେତେ କୁଶଳୀ/ଅର୍ଦ୍ଧ କୁଶଳୀ/ଅଣକୁଶଳୀ ଆସି ବିଭିନ୍ନ କାର୍ଯ୍ୟ କରୁଛନ୍ତି; ଆମ ରାଜ୍ୟର ଶ୍ରମିକ ମାନଙ୍କୁ ନିଜ ରାଜ୍ୟରେ ରହି କର୍ମଜୀବି ହେବା ପାଇଁ ପଦକ୍ଷେପ ନେବେ କି ?

----

## ପାନୀୟ ଜଳ ପ୍ରକଳ୍ପ ପାଇଁ ଅନୁଦାନ

***239 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ପଂଚାୟତ ସମିତି ମାଧ୍ୟମରେ ଆର୍ଥିକ ବର୍ଷ 2023-24, 2024-25, 2025-26 ପାନୀୟ ଜଳ ପ୍ରକଳ୍ପ ପାଇଁ କେତେ ଅନୁଦାନ ଅର୍ଥ ମଂଜୁର ଓ ବ୍ୟୟ କରାଯାଇଛି?

----

## ସୋରୋ ମୁନସିପାଲିଟି ପୁରୁଣା ମାଛ ମାର୍କେଟ ନବୀକରଣ

***240 ଶ୍ରୀ ମାଧବ ଧଡା (ସୋରୋ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରୋ ମୁନସିପାଲିଟିର Footpath ରେ ବସି ବିକ୍ରିକରୁଥିବା ଚାଷୀ ଓ ଛୋଟ ବ୍ୟବସାୟୀଙ୍କୁ ଥଇଥାନ ପାଇଁ URBAN HAT ର ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, ସୋରୋ ମୁନସିପାଲିଟିର ପୁରୁଣା ମାଛ ମାର୍କେଟ ଓ ସୋରୋ ବଜାର ର ପୁରୁଣା hata ର ନବୀକରଣ ସହିତ ଗ୍ରହକମାନଙ୍କ ନିମନ୍ତେ ପାନୀୟଜଳ, ବିଶ୍ରାମ ଗୃହ, ଶୌଚାଳୟ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----